# NATIONAL NEWS BULLETIN (ODIA)
## 1 November - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଦେଶର ପ୍ରତ୍ୟେକ ଅଞ୍ଚଳକୁ ଖୁବ୍‌ଶୀଘ୍ର ମାଓବାଦୀ ହିଂସାରୁ ସମ୍ପୂର୍ଣ୍ଣ ମୁକ୍ତ କରାଯିବ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତି
- କର୍ମଚାରୀ ଭବିଷ୍ୟନିଧି ସଂଗଠନ' ସାମାଜିକ ସୁରକ୍ଷା କ୍ଷେତ୍ରରେ ଭାରତୀୟ କାର୍ଯ୍ୟଶକ୍ତିର ବିଶ୍ୱାସର ପ୍ରତୀକ; କହିଲେ କେନ୍ଦ୍ର ଶ୍ରମ ଓ ନିଯୋଜନ ମନ୍ତ୍ରୀ
- ଚଳିତ ବର୍ଷ ଅକ୍ଟୋବର ମାସରେ ଜିଏସ୍‌ଟି ଆଦାୟ ପରିମାଣ ଗତ ବର୍ଷର ଏହି ସମୟ ତୁଳନାରେ ବୃଦ୍ଧି ପାଇଛି ୪ ଦଶମିକ ୬ ପ୍ରତିଶତ
- ଆନ୍ଧ୍ରପ୍ରଦେଶର କାଶୀବୁଗାସ୍ଥିତ ଶ୍ରୀଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ଆଜି ଦଳାଚକଟାରେ ୯ ଜଣଙ୍କର ମୃତ୍ୟୁ

– ଶୋକବ୍ୟକ୍ତ କଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

ଏବଂ

- ଆଇସିସି ମହିଳା ଏକଦିବସୀୟ କ୍ରିକେଟ୍ ବିଶ୍ୱକପ୍‌ର ଫାଇନାଲ୍ ମ୍ୟାଚ୍‌ରେ ଆସନ୍ତାକାଲି ଭାରତ ଭେଟିବ ଦକ୍ଷିଣ ଆଫ୍ରିକାକୁ

# ପିଏମ୍- ରାୟପୁର ଭିଜିଟ୍

ଛତିଶଗଡ଼ ସମେତ ଦେଶର ପ୍ରତ୍ୟେକ ଅଞ୍ଚଳକୁ ଖୁବ୍‌ଶୀଘ୍ର ମାଓବାଦୀ ହିଂସାରୁ ମୁକ୍ତ କରାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତିଶ୍ରୁତି ଦେଇଛନ୍ତି। ଆଜି ରାୟପୁରଠାରେ ଛତିଶଗଡ଼ ରାଜ୍ୟ ପ୍ରତିଷ୍ଠାର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ମାଓବାଦୀ କାର୍ଯ୍ୟକଳାପ ଯୋଗଁ ଛତିଶଗଡ଼ର ଜନଜାତି ଅଧ୍ୟୁଷିତ ଅଞ୍ଚଳଗୁଡ଼ିକ ବହୁଦିନ ଧରି ସଡ଼କ, ବିଦ୍ୟାଳୟ ଓ ଚିକିତ୍ସାଳୟ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇଆସୁଥିଲେ। ଦେଶକୁ ବିକାଶ ପଥରେ ଆଗେଇ ନେବା ଲାଗି ସରକାର ନକ୍ସଲବାଦୀ କାର୍ଯ୍ୟକଳାପକୁ ଦୃଢ଼ ହସ୍ତରେ ଦମନ କରିବାରେ ପ୍ରୟାସ ଜାରି ରଖିଛନ୍ତି। ଏହାର ଫଳସ୍ୱରୂପ ଗତ ୧୧ ବର୍ଷ ମଧ୍ୟରେ ଦେଶର ୧୨୫ଟି ମାଓବାଦୀ ଅଧ୍ୟୁଷିତ ଜିଲ୍ଲାରୁ ବର୍ତ୍ତମାନ ମାତ୍ର ତିନୋଟିରେ ଏମାନଙ୍କର ସାମାନ୍ୟ ପ୍ରଭାବ ଦେଖିବାକୁ ମିଳୁଛି। ଅବଶିଷ୍ଟ ଜିଲ୍ଲାଗୁଡ଼ିକରେ ଏହି ସମାଜ ବିରୋଧୀ କାର୍ଯ୍ୟକଳାପକୁ ଦୃଢ଼ହସ୍ତରେ ସରକାର ଦମନ କରିଛନ୍ତି ବୋଲି ସେ

କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ କିଛି ମାସ ମଧ୍ୟରେ ବହୁ ସଂଖ୍ୟାରେ ମାଓବାଦୀ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ସହିତ ଦେଶର ସମ୍ବିଧାନକୁ ସମ୍ମାନର ସହ ଗ୍ରହଣ କରିଛନ୍ତି । ସରକାରଙ୍କ ଏଭଳି ପଦକ୍ଷେପ ଦ୍ୱାରା ଛତିଶଗଡ଼ର ବସ୍ତର ଭଳି ଦେଶର ବିଭିନ୍ନ ଅଞ୍ଚଳରେ ଭୟ ବଦଳରେ ଉତ୍ସବର ପରିବେଶ ଦେଖିବାକୁ ମିଳିଛି ବୋଲି ସେ କହିଛନ୍ତି ।

**V/O– PM-MODI--NAXAL**

ରାଜ୍ୟ ପ୍ରତିଷ୍ଠାର ୨୫ ବର୍ଷ ପୂର୍ତ୍ତି ସହିତ ଆଗାମୀ ଦିନର ସମ୍ଭାବନା ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ କହିଛନ୍ତି...

**V/O– PM-MODI-ON-25-YEARS**

ଏହି ଅବସରରେ ପ୍ରଧାନମନ୍ତ୍ରୀ ୧୪ ହଜାର କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ମୁଖ୍ୟତଃ ସଡ଼କ, ଶିଳ୍ପ, ସ୍ୱାସ୍ଥ୍ୟସେବା ଏବଂ ଶକ୍ତିକ୍ଷେତ୍ର ସହ ସମ୍ପୃକ୍ତ । ଏ ସମ୍ପର୍କରେ ଅଧିକ ସୂଚନା ଆମ ସମ୍ବାଦଦାତା କହିଛନ୍ତି, ଗ୍ରାମାଞ୍ଚଳ ଲୋକଙ୍କର ଜୀବନ ଜୀବିକାକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଆଜି ରାଜ୍ୟର ୯ଟି ଜିଲ୍ଲାରେ ନୂତନ ଗ୍ରାମ୍ୟ ଉଦ୍ୟୋଗୀ ଷ୍ଟାଟ-ଅପ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ପ୍ରଧାନମନ୍ତ୍ରୀ

ଆବାସ ଯୋଜନା ଅଧୀନରେ ଛତିଶଗଡ଼ର ପ୍ରାୟ ସାଢ଼େ ୩ ଲକ୍ଷ ପରିବାର ଆଜି ନିଜ ନିଜର ନୂତନ ପକ୍କାଘର ପାଇଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଅଧୀନରେ ଶ୍ରୀ ମୋଦୀ ୩ ଲକ୍ଷ ହିତାଧିକାରୀଙ୍କୁ ୧୨ ହଜାର କୋଟି ଟଙ୍କାର କିସ୍ତି ପରିମାଣ ପ୍ରଦାନ କରିଛନ୍ତି। ରାଜ୍ୟରେ ଗମନାଗମନ ତଥା ସଂଯୋଗୀକରଣ ଦିଗରେ ସରକାରଙ୍କ ପଦକ୍ଷେପ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି...

**V/O– PM-MODI-ON-CONNECTIVITY**

ରାଜ୍ୟରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଆଜି ୫ଟି ନୂତନ ସରକାରୀ ମେଡିକାଲ କଲେଜ ଏବଂ ଗୋଟିଏ ସରକାରୀ ଆୟୁର୍ବେଦିକ କଲେଜ ପ୍ରତିଷ୍ଠା ଲାଗି ଶିଳାନ୍ୟାସ କରିଛନ୍ତି।

ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ପ୍ରାୟ ୨୦ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ୫୦୦ କିଲୋମିଟର ଦୀର୍ଘ ନାଗପୁର–ଝାରସୁଗୁଡ଼ା ପ୍ରାକୃତିକ ଗ୍ୟାସ୍ ପାଇପ୍ ଲାଇନ୍‌ର ଲୋକାର୍ପଣ କରିଛନ୍ତି।

# ମାଣ୍ଡବ୍ୟ– ଇପିଏଫ୍‌ଓ ଫାଉଣ୍ଡେସନ୍ ଡେ'

କର୍ମଚାରୀ ଭବିଷ୍ୟନିଧି ସଂଗଠନ– ଇ.ପି.ଏଫ୍.ଓ. କେବଳ ଏକ ପାଣ୍ଠି ନୁହେଁ ବରଂ ଏହା ମାଧ୍ୟମରେ ସାମାଜିକ ସୁରକ୍ଷା କ୍ଷେତ୍ରରେ ଭାରତୀୟ

କାର୍ଯ୍ୟଶକ୍ତିର ବିଶ୍ୱାସ ପ୍ରତିଫଳିତ ହୁଏ ବୋଲି କେନ୍ଦ୍ର ଶ୍ରମ ଓ ନିଯୋଜନ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ କହିଛନ୍ତି। ଆଜି ନୂଆଦିଲ୍ଲୀଠାରେ ଇ.ପି.ଏଫ୍.ଓ.ର ୭୩ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଏକ ସମାରୋହରେ ଉଦ୍‌ବୋଧନ ଦେଇ ଡକ୍ଟର ମାଣ୍ଡବ୍ୟ ଏହି ମତ ବ୍ୟକ୍ତ କରିଛନ୍ତି। ଦେଶର କାର୍ଯ୍ୟଶକ୍ତିର ସାମାଜିକ ଏବଂ ଆର୍ଥିକ ସୁରକ୍ଷା ଦିଗରେ ଇ.ପି.ଏଫ୍.ଓ'ର ଐତିହାସିକ ଭୂମିକା ସେ ପ୍ରଶଂସା କରିଛନ୍ତି। ନବଭାରତ ଗଠନର ଦୃଷ୍ଟିକୋଣ ସହିତ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନ କରିବା ଦିଗରେ ଏହି ସଂସ୍ଥା ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବାକୁ ଡକ୍ଟର ମାଣ୍ଡବ୍ୟ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କର୍ମଚାରୀ ପଞ୍ଜୀକରଣ ଯୋଜନା-୨୦୨୫ର ଶୁଭାରମ୍ଭ କରିଛନ୍ତି।

## ଦେଶରେ ଗତ ମାସରେ ମୋଟ

ଦେଶରେ ଗତ ମାସରେ ମୋଟ୍ ଦ୍ରବ୍ୟ ଓ ସେବାକର – ଜିଏସ୍‌ଟି ଆଦାୟ ପରିମାଣ ଗତ ବର୍ଷର ଏହି ସମୟ ତୁଳନାରେ ୪ ଦଶମିକ ୬ ପ୍ରତିଶତ ବୃଦ୍ଧି ପାଇଛି। ଗତ ବର୍ଷ ଅକ୍ଟୋବର ମାସରେ ଦେଶରେ ଏ ବାବଦରେ ୧ ଦଶମିକ ୮/୭ ଲକ୍ଷ କୋଟି ଟଙ୍କା ଆଦାୟ ହୋଇଥିବା ବେଳେ ଚଳିତ ବର୍ଷ ଏହି ପରିମାଣ ୧ ଦଶମିକ ୯/୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଥିବା ଜଣାଯାଇଛି। ସେଥିମଧ୍ୟରେ କେନ୍ଦ୍ରୀୟ ଜିଏସ୍‌ଟି ପରିମାଣ ୩୬ ହଜାର ୫୪୭ କୋଟି ଟଙ୍କା ଏବଂ ରାଜ୍ୟ ଜିଏସ୍‌ଟି ୪୫ ହଜାର ୧୩୪ କୋଟି ଟଙ୍କା ବୋଲି ସୂଚନା ଦିଆଯାଇଛି।

# ବିହାର କ୍ୟାମ୍ପେନ୍

ବିହାର ବିଧାନସଭା ନିର୍ବାଚନ ଲାଗି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ସରଗରମ ହୋଇଥିବା ବେଳେ ଆଜି ଖରାପ ପାଗ ଯୋଗୁଁ ଏହା କିଛି ମାତ୍ରାରେ ବାଧାପ୍ରାପ୍ତ ହୋଇଛି ।

ବିଜେପିର ବରିଷ୍ଠ ନେତା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଗୋପାଳଗଞ୍ଜଠାରେ ଆୟୋଜିତ ଏକ ନିର୍ବାଚନୀ ସଭାକୁ ଆଭାସୀ ମାଧ୍ୟମରେ ସମ୍ବୋଧିତ କରି କହିଛନ୍ତି, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ କଲ୍ୟାଣ ଲାଗି କାର୍ଯ୍ୟ କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିରନ୍ତର ପ୍ରଚେଷ୍ଟା ଯୋଗୁଁ ବିହାରରେ ବନ୍ଦ ହୋଇ ପଡ଼ିରହିଥିବା ଚିନିକଳଗୁଡ଼ିକ ପୁନଃକାର୍ଯ୍ୟକ୍ଷମ ହୋଇପାରିଛି । ଏତଦ୍‌ବ୍ୟତୀତ ଆଖୁଚାଷୀମାନଙ୍କୁ ସଠିକ୍ ପ୍ରାପ୍ୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ଇଥାନଲ୍ ଉତ୍ପାଦନକୁ ମଧ୍ୟ ରାଜ୍ୟରେ ପ୍ରୋତ୍ସାହିତ କରାଯାଉଛି ବୋଲି ସେ କହିଛନ୍ତି । ଶ୍ରୀ ଶାହା କହିଛନ୍ତି, ବିହାରକୁ ଏକ ବିକଶିତ ରାଜ୍ୟଭାବେ ଗଢ଼ିତୋଳିବା ସହିତ ଉଭୟ ମହିଳା ଓ କୃଷକଙ୍କୁ ସଶକ୍ତ କରିବା ଦିଗରେ ଉତ୍ତମ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ଏନ୍.ଡି.ଏ. ନିଜର ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତ କରିଛି ।

ଅନୁରୂପ ଭାବେ ଶିଓ୍ୱାନ୍‌ଠାରେ ଆୟୋଜିତ ଅନ୍ୟ ଏକ ନିର୍ବାଚନୀ ର୍‍ୟାଲିକୁ ଆଭାସୀ ମାଧ୍ୟମରେ ଉଦ୍‌ବୋଧନ ଦେଇ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା କହିଛନ୍ତି, ଉଭୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ' ମୁଖ୍ୟମନ୍ତ୍ରୀ ନୀତିଶ କୁମାର ବିହାରର ବିକାଶ ଲାଗି ଏକ ନୂତନ ଯୁଗର ଅୟମାରମ୍ଭ କରିସାରିଛନ୍ତି ।

ଜନତା ଦଳ ସଂଯୁକ୍ତର ସଭାପତି ତଥା ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଆଜି ବୈଶାଳି ଜିଲ୍ଲା ଅନ୍ତର୍ଗତ ଜନ୍ଦାହାଠାରେ ଆୟୋଜିତ ଏକ ଜନସମାବେଶରେ ଉଦ୍‌ବୋଧନ ଦେଇ କହିଛନ୍ତି, ତାଙ୍କ ସରକାର ପୁନର୍ବାର କ୍ଷମତାକୁ ଆସିଲେ ସମାଜର ଗରିବ ଏବଂ ସାମାଜିକ ଦୁର୍ବଳ ବର୍ଗର ଲୋକଙ୍କୁ ସବୁ ପ୍ରକାର ସହାୟତା ଯୋଗାଇବ ।

କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧୀ ବେଗୁସରାଇର ବାଚଓ୍ୱାରଠାରେ ଆୟୋଜିତ ତାଙ୍କର ପ୍ରଥମ ନିର୍ବାଚନୀ ର୍‍ୟାଲିରେ ଉଦ୍‌ବୋଧନ ୨୦ ବର୍ଷର ଶାସନ କାଳରେ ନୀତିଶ କୁମାରଙ୍କ ସରକାର ବିହାରର ବିକାଶ ଦିଗରେ ସେପରି କିଛି କାର୍ଯ୍ୟ କରିପାରିନାହାଁନ୍ତି ବୋଲି ଅଭିଯୋଗ କରିଛନ୍ତି ।

## ଆନ୍ଧ୍ରପ୍ରଦେଶ- ଷ୍ଟାମ୍ପେଡ୍

ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲା ଅନ୍ତର୍ଗତ କାଶୀବୁଗାସ୍ଥିତ ଶ୍ରୀଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ଆଜି ଦଳାଚକଟାରେ ୯ ଜଣଙ୍କର ମତ୍ୟୁ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ଆଜି ଏକଦଶୀ ଅବସରରେ ମନ୍ଦିର ପରିସରରେ ପ୍ରଭୁଙ୍କ ଦର୍ଶନ ଲାଗି ଅନେକ ଶ୍ରଦ୍ଧାଳୁଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା । ମନ୍ଦିର ମଧରେ ଥିବା ଏକ ରେଲିଂ ଭୁଶୁଡ଼ି ପଡ଼ିବା ଯୋଗୁଁ ଶ୍ରଦ୍ଧାଳୁମାନେ ପଡ଼ି ଯାଇଥିଲେ ଏବଂ ପରେ ଏଥିଲାଗି ଦଳାଚକଟା ହୋଇଥିବା ଜଣାଯାଇଛି ।

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରବାବୁ ନାଇଡୁ ଏହି ଦୁର୍ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏତଦ୍‌ବ୍ୟତୀତ ଆହତମାନଙ୍କୁ ମାଗଣାରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲାଗି ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏଥିଲାଗି ଦୁଃଖ ପ୍ରକାଶ କରି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହିତ ଆହତଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି ।

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ସାମାଜିକ ଗଣମାଧ୍ୟମରେ ପୋଷ୍ଟରେ କରିଥିବା ନିଜର ଶୋକବାର୍ତ୍ତାରେ ମୃତକଙ୍କ ଆତ୍ମୀୟଙ୍କ ପ୍ରତି

ସମବେଦନା ଜଣାଇବା ସହ ଆହତମାନଙ୍କର ଆଶୁଆରୋଗ୍ୟ କାମନା କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏଥିଲାଗି ଦୁଃଖପ୍ରକାଶ କରିବା ସହିତ ମୃତକଙ୍କ ପରିବାରବର୍ଗଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏତଦ୍‌ବ୍ୟତୀତ ଆହତଙ୍କ ଲାଗି ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିବା ସହିତ ସେମାନଙ୍କର ଆଶୁଆରୋଗ୍ୟ କାମନା କରିଛନ୍ତି।

# ୱେ୍ବ୍‌ସ ବାଜାର

ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ  ହାଇଦ୍ରାବାଦଠାରେ ଚାଲିଥିବା ଇଣ୍ଡିଆ ଜୟ-୨୦୨୫ ସମ୍ମିଳନୀ ପରିସରରେ ଆଜି ୱେ୍ବ୍‌ସ ବଜାରର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ଜାଜୁ କହିଛନ୍ତି,  ୱେ୍ବ୍‌ସ ବଜାର ମାଧ୍ୟମରେ ଦେଶର ଗଣମାଧ୍ୟମ ଏବଂ ମନୋରଞ୍ଜନ ଶିଳ୍ପ ସାମୂହିକ ଭାବେ ଲାଭାନ୍ୱିତ ହୋଇପାରିବେ। ଏହାଦ୍ୱାରା ଉଭୟ କ୍ରେତା ଓ ବିକ୍ରେତାଙ୍କୁ ଗୋଟିଏ ମଞ୍ଚରେ ଏକତ୍ରୀତ କରାଯିବା ସହ କାରିଗରୀକୁ ବାଣିଜ୍ୟରେ ମଧ୍ୟ ପରିଣତ କରାଯାଇପାରୁଛି। ଏତଦ୍‌ବ୍ୟତୀତ ସମସ୍ତ ଭାଷାରେ ବ୍ୟବସାୟ କରିବା ଲାଗି ଓ.ଟି.ଟି ସଂସ୍ଥାମାନେ ୱେ୍ବ୍‌ସ

ବାଜାର ମଞ୍ଚର ସଦୁପଯୋଗ କରିବା ଉପରେ ଶ୍ରୀ ଜାଜୁ ଗୁରୁତ୍ୱାରୋପ କରିଛନ୍ତି ।

## କେରଳ ଲ୍ୟାଣ୍ଡସ୍ଲାଇଡ୍

କେନିୟାର ପଶ୍ଚିମାଞ୍ଚଳ ଉପତ୍ୟକାରେ ପ୍ରବଳ ବର୍ଷା ଯୋଗୁଁ ଭୂସ୍ଖଳନ ଘଟି ପ୍ରାୟ ୧୩ ଜଣଙ୍କର ମୃତ୍ୟୁ ହୋଇଛି । ସ୍ଥାନୀୟ ପୁଲିସ ସୂତ୍ରରୁ ସୂଚନା ଅନୁଯାୟୀ, ଏହି ଦୁର୍ଘଟଣାରେ ୧୯ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ କେତେ ସଂଖ୍ୟକ ନିଖୋଜ ଅଛନ୍ତି ତାହା ସଠିକ୍ ଭାବେ ଜଣାପଡ଼ିନାହିଁ। କେନିୟାର ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ କିପଚୁମ୍ବା ମୁର୍କୋମେନ୍ ଏ ସମ୍ପର୍କରେ ସୂଚନା ଦେଇ ଗଣମାଧ୍ୟମକୁ କହିଛନ୍ତି, ସେନା ଏବଂ ପୁଲିସ ହେଲିକପ୍ଟରଗୁଡ଼ିକୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ନିକଟ ଅତୀତରେ କେନିୟାରେ ଭୂସ୍ଖଳନ ଏବଂ ବନ୍ୟା ଯୋଗୁଁ ଅନେକ ଜୀବନହାନୀ ହୋଇସାରିଛି ।

## ଓ୍ୱିମ୍ୟାନ୍ସ ଓ୍ୱାର୍ଲ୍ଡକପ କ୍ରିକେଟ୍

ଆଇ.ସି.ସି. ମହିଳା ଏକଦିବସୀୟ କ୍ରିକେଟ୍ ବିଶ୍ୱକପ୍‌ର ଫାଇନାଲ୍ ମ୍ୟାଚ୍‌ରେ ଆସନ୍ତାକାଲି ଭାରତ’ ଦକ୍ଷିଣ ଆଫ୍ରିକାକୁ ଭେଟିବ। ନଭି ମୁମ୍ବାଇସ୍ଥିତ ଡକ୍ଟର ଡି.ଓ୍ୱାଇ. ପାଟିଲ୍ ସ୍ପୋର୍ଟସ୍ ଏକାଡେମୀରେ ଏହି ମ୍ୟାଚ୍ ଅପରାହ୍ନ ୩ଟାରେ ଆରମ୍ଭ ହେବ । ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା’ ଇଂଲଣ୍ଡକୁ ୧୨୫ ରନ୍‌ରେ ପରାସ୍ତ କରି ଫାଇନାଲରେ

ପହଞ୍ଚିଥିବାବେଳେ ଗତ ଗୁରୁବାର ଦିନ ନଭି ମୁମ୍ବାଇଠାରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଅଷ୍ଟ୍ରେଲିଆ ବିରୁଦ୍ଧରେ ଭାରତ ୫ଟି ଓ୍ୱିକେଟ୍‌ରେ ଚିତ୍ତାକର୍ଷକ ବିଜୟ ହାସଲ କରିଥିଲା ।